# ତହସିଲଦାରଙ୍କ କାର୍ଯ୍ୟାଳୟ,ବୌଦ୍ଧ

ସଂଖ୍ୟା :- ୧୨୧୭ ତାରିଖ:- ୧୭/୦୩/୨୦୨୨

## ଜନ ସୂଚନା

ଏତଦଦ୍ୱାରା ବୌଦ୍ଧ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକ ମଣ୍ଡଳ ଅଧୀନରେ ଥିବା ବିଭିନ୍ନ ମୌଜାର ଛୋଟ ବଡ ଚାଷୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଗତ 2012-13 ଠାରୁ 2017-18 ମସିହା ମଧ୍ୟରେ ଘଟିଯାଇଥିବା ନିମ୍ନ ପ୍ରଦତ୍ତ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷୟକ୍ଷତି ହୋଇ, ବର୍ତ୍ତମାନ ସୁଧା ଯେଉଁ ଯଥାର୍ଥ ଲାଭାର୍ଥୀ ଚାଷୀ ମାନେ ନିଜସ୍ୱ ଫସଲ / ଘରଭଙ୍ଗା କ୍ଷୟକ୍ଷତିର ପ୍ରାପ୍ୟ ବିଭିନ୍ନ କାରଣରୁ ପାଇପାରିନାହାନ୍ତି, ସେମାନଙ୍କୁ ଅନୁରୋଧ କରାଗଲା ଯେ, ସେମାନେ ସେମାନଙ୍କ ପ୍ରାପ୍ୟ ଯଥାଶୀଘ୍ର ପାଇବା ପାଇଁ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ସହିତ ସାତ ଦିନ ମଧ୍ୟରେ ଯୋଗାଯୋଗ କରି ସଠିକ ଜମାଖାତାର ତଥ୍ୟ ଏବଂ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ପରାମର୍ଶ କ୍ରମେ ଅନ୍ୟାନ୍ୟ ଦରକାରୀ ଦସ୍ତାବିଜ ଉପସ୍ଥାପନ କରିବା ହେବେ। ଯଦି ଧାର୍ଯ୍ୟ ସମୟସୀମା ମଧ୍ୟରେ ଦରକାରୀ ଦସ୍ତାବିଜ ପ୍ରାପ୍ୟ ନ ହୁଏ , ତାହା ପରବର୍ତ୍ତୀ ସମୟରେ ଆଉ ଗ୍ରହଣଯୋଗ୍ୟ ହେବନାହିଁ ଏବଂ ନିମ୍ନ ସ୍ୱାକ୍ଷରକାରୀ ସମସ୍ତ ସରକାରୀ ସାହାଯ୍ୟ ସରକାରଙ୍କୁ ଫେରସ୍ତ କରିବା ପାଇଁ ବାଧ ହେବେ ।

1. କୁଆପଥର ବୃଷ୍ଟି - 2012-13
2. ମରୁଡି - 2011
3. ମରୁଡି - 2015
4. ମରୁଡି - 2017
5. ଚକଡା ପୋକ ଆକ୍ରମଣ - 2017
6. ପେଥାଇ - 2018

ଅବିନାଶ ୧୭/୦୩/୨୦୨୨
ତହସିଲଦାର ,ବୌଦ୍ଧ

ପରିପତ୍ର ସଂଖ୍ୟା ୧୨୧୮ /ତାରିଖ ୧୭/୦୩/୨୦୨୨

ଏହାର ଏକକିତା ନକଲ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ପ୍ରେରଣ କରାଯାଇ ଅନୁଦେଶ ଦିଆଗଲା ଯେ ସମସ୍ତ ପ୍ରଜାଙ୍କ ଅବଗତି ନିମନ୍ତେ ନିଜସ୍ୱ ନୋଟିସ ବୋର୍ଡରେ ପ୍ରଦର୍ଶନ କରାଇବା ସଙ୍ଗେ ସଙ୍ଗେ ଯଥାର୍ଥ ଲାଭାର୍ଥୀ ଯେପରି ନିଜସ୍ୱ ଫସଲ / ଘରଭଙ୍ଗାର କ୍ଷତିପୂରଣ ପାଇପାରିବେ ସେଥିପ୍ରତି ଯତ୍ନବାନ ହେବେ।

ଅବିନାଶ ୧୭/୦୩/୨୦୨୨
ତହସିଲଦାର ,ବୌଦ୍ଧ

ପରିପତ୍ର ସଂଖ୍ୟା ୧୨୧୯ /ତାରିଖ ୧୭/୦୩/୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ,ବୌଦ୍ଧଙ୍କ ବିହିତ ସୂଚନା ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅବିନାଶ ୧୭/୦୩/୨୦୨୨
ତହସିଲଦାର ,ବୌଦ୍ଧ